# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 18 September – 2026

******************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଚାଲିଥିବା ସେମିକନ୍ ଇଣ୍ଡିଆ-୨୦୨୬ରେ ଯୋଗ ଦେଲେ ମୁଖ୍ୟମନ୍ତ୍ରୀ।

  – କହିଲେ ଓଡ଼ିଶା ଏକ ସୁଦୃଢ଼ ସେମିକଣ୍ଡକ୍ଟର ଇକୋ-ସିଷ୍ଟମ ନିର୍ମାଣ ପାଇଁ ପ୍ରତିବଦ୍ଧ।

- ପୌର ନିର୍ବାଚନରେ ୱାର୍ଡ ସୀମା ନିର୍ଦ୍ଧାରଣ ପାଇଁ ସଂଶୋଧିତ ସମୟସୂଚୀ ପ୍ରକାଶ।

- ‘ସୀମା ବାହାରେ ବାଉଁଶ’ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ‘ବିଶ୍ୱ ବାଉଁଶ ଦିବସ’।

ଏବଂ

- ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆସନ୍ତାକାଲି ସୁଦ୍ଧା ଲଘୁଚାପ ସୃଷ୍ଟି ସମ୍ଭାବନା।

# ସେମିକନ୍ ଇଣ୍ଡିଆ-୨୦୨୬

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀର ଯଶୋଭୂମିଠାରେ ଚାଲିଥିବା ସେମିକନ୍ ଇଣ୍ଡିଆ-୨୦୨୬ରେ ଯୋଗ ଦେଇଛନ୍ତି। ଏହି ଅବସରରେ ଶ୍ରୀ ମାଝୀ ଶିଳ୍ପ ବିଶେଷଜ୍ଞ, ନିବେଶକ ଏବଂ ପ୍ରଯୁକ୍ତି କ୍ଷେତ୍ରର ପ୍ରମୁଖ ପ୍ରତିନିଧିମାନଙ୍କ ସହ ଆଲୋଚନା କରିବେ। ଏହି ପଦକ୍ଷେପଗୁଡ଼ିକ ମାଧ୍ୟମରେ ଓଡ଼ିଶା ଆଗାମୀ ପିଢ଼ୀ ପାଇଁ ଇଲେକ୍ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟର ଉତ୍ପାଦନ ନିମନ୍ତେ ଏକ ସୁଦୃଢ଼ ଭିତ୍ତିଭୂମି ପ୍ରସ୍ତୁତ କରୁଛି। ଏଥିସହ ମୁଖ୍ୟମନ୍ତ୍ରୀ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ରାଜ୍ୟର ନୀତିଗତ ସହାୟତା ଏବଂ ନିବେଶ ପାଇଁ ଉଦୀୟମାନ ସୁଯୋଗଗୁଡ଼ିକୁ ଉପସ୍ଥାପନ କରିବେ। ରାଜ୍ୟରେ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ନିଜର ଭିତ୍ତିଭୂମି କ୍ଷମତାକୁ କ୍ରମାଗତ ଭାବେ ସୁଦୃଢ଼ କରୁଛି ଏବଂ ଏଥିସହ ଜଡ଼ିତ ପ୍ରକଳ୍ପଗୁଡ଼ିକ ଉପରେ କାର୍ଯ୍ୟ ଜାରି ରହିଛି ବୋଲି ଶ୍ରୀ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ପ୍ରଥମେ ଓଡ଼ିଶା ପାଭିଲିୟନ୍ ପରିଦର୍ଶନ କରିଛନ୍ତି। ଭାରତରେ ନିର୍ମିତ ସେମିକଣ୍ଡକ୍ଟର ଚିପ୍ ସହିତ ଏନ୍ଆଇଟି ରାଉରକେଲାର ସ୍ୱଦେଶୀ ଚିପ୍ ଡିଜାଇନ୍ ସେମିକନ୍ ଇଣ୍ଡିଆରେ ପ୍ରଦର୍ଶିତ ହୋଇଛି। ଏହା

ଓଡ଼ିଶାର ପ୍ରତିଭା, ନବସୃଜନ ଏବଂ ଗବେଷଣା କ୍ଷମତାର ପରିଚୟ ବୋଲି ଶ୍ରୀ ମାଝୀ କହିଛନ୍ତି।

**- V/O -**

ମୁଖ୍ୟମନ୍ତ୍ରୀ ଏହି ଅବସରରେ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ରାଜ୍ୟରେ ନିବେଶ, ପ୍ରଯୁକ୍ତିବିଦ୍ୟା, ନବସୃଜନ ଓ ଦକ୍ଷତା ବିକାଶ ଉପରେ ଧ୍ୟାନଦେଇ ସେମିକଣ୍ଡକ୍ଟର ଇକୋ-ସିଷ୍ଟମକୁ ସୁଦୃଢ଼ କରିବା ଉପରେ ଆଲୋଚନା କରିଛନ୍ତି। ଓଡ଼ିଶା ଏକ ସୁଦୃଢ଼ ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ଇକୋ-ସିଷ୍ଟମ ନିର୍ମାଣ ଓ ଆତ୍ମନିର୍ଭର ଭାରତରେ ଅର୍ଥପୂର୍ଣ୍ଣ ଯୋଗଦାନ ପାଇଁ ପ୍ରତିବଦ୍ଧ ବୋଲି ଶ୍ରୀ ମାଝୀ କହିଛନ୍ତି।

# ପୌରନିର୍ବାଚନ

ରାଜ୍ୟରେ ଆଗାମୀ ପୌରନିର୍ବାଚନରେ ୱାର୍ଡ ସୀମା ନିର୍ଦ୍ଧାରଣ ପାଇଁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସଂଶୋଧିତ ସମୟସୂଚୀ ଜାରି କରାଯାଇଛି। ଆସନ୍ତା ୨୪ ତାରିଖ ସୁଦ୍ଧା ପୌରସଂସ୍ଥା ଓ ଏନ୍‌ଏସି'ର ୱାର୍ଡ ସୀମା ନିର୍ଦ୍ଧାରଣ ପାଇଁ ଡ୍ରାଫ୍ଟ ବିଜ୍ଞପ୍ତି ଜାରି କରାଯିବ। ଏହାପରେ ଜନସାଧାରଣଙ୍କ ଠାରୁ ଆପତ୍ତି ଓ ପ୍ରସ୍ତାବ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଆସନ୍ତା ମାସ ୩ ତାରିଖରେ ଆପତ୍ତି

ଓ ପ୍ରସ୍ତାବ ଦାଖଲର ଶେଷ ତାରିଖ, ୭ ତାରିଖ ସୁଦ୍ଧା ପ୍ରୋଭିଜନାଲ ବିଜ୍ଞପ୍ତି ଓ ୭ରୁ ୨୧ ତାରିଖ ମଧ୍ୟରେ ସରକାରଙ୍କ ନିକଟରେ ଅପିଲ, ୨୬ରୁ ୨୮ ତାରିଖ ମଧ୍ୟରେ ଅପିଲ୍‌ର ଶୁଣାଣି ଓ ନିଷ୍ପତ୍ତି ପ୍ରକ୍ରିୟା ଗ୍ରହଣ କରାଯାଇ ୩୧ ତାରିଖ ସୁଦ୍ଧା ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ।

## ପ୍ରଧାନମନ୍ତ୍ରୀଙ୍କ ଜନସେବା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନସେବାର ୨୫ ବର୍ଷ ପୂରଣ ହୋଇଛି। ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ ବର୍ତ୍ତମାନ ପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ଅଙ୍ଗୀକାରବଦ୍ଧତାକୁ ଏହା ପ୍ରକାଶ କରୁଛି। ସେବା ଓ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି। ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି। ସେବା ସଂକଳ୍ପ ଅଭିଯାନର ଆଜି ସ୍ୱତନ୍ତ୍ର ଧାରାବାହିକରେ ଆସନ୍ତୁ ଶୁଣିବା ଶ୍ରୀଅନ୍ନ ଯୋଜନା ସମ୍ପର୍କରେ।

ପୁଷ୍ଟିକର ଖାଦ୍ୟ, କୃଷକଙ୍କ ଆୟବୃଦ୍ଧି ଏବଂ ସ୍ଥାୟୀ କୃଷି ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ରାଜ୍ୟରେ ଶ୍ରୀଅନ୍ନ ଅଭିଯାନ କାର୍ଯ୍ୟକାରୀ କରାଯାଇଛି। ମାଣ୍ଡିଆ ସମେତ ବିଭିନ୍ନ ପ୍ରକାର ମିଲେଟ୍ ଚାଷ, ପ୍ରକ୍ରିୟାକରଣ ଓ

ବ୍ୟବହାରକୁ ବଢ଼ାଇବା ଦିଗରେ ଏହି ଅଭିଯାନରେ ଉଦ୍ୟମ ଜାରି ରହିଛି। ଶ୍ରୀଅନ୍ନ ଅଭିଯାନ ମାଧ୍ୟମରେ ପୁଷ୍ଟିକର ଖାଦ୍ୟ ଓ କୃଷକଙ୍କ ଜୀବିକାକୁ ଗୁରୁତ୍ୱ ମିଳୁଥିବାବେଳେ ସେବାସଂକଳ୍ପ ଅଭିଯାନ ମାଧ୍ୟମରେ ମାନବିକ କାର୍ଯ୍ୟ ଓ ଜନଭାଗୀଦାରିତାକୁ ପ୍ରୋତ୍ସାହନ ଦିଆଯାଉଛି। ଶ୍ରୀଅନ୍ନ ଅଭିଯାନ ସମ୍ପର୍କରେ ଅଧିକ ସୂଚନା ଦେଇଛନ୍ତି ଆମ ନବରଙ୍ଗପୁର ସମ୍ବାଦଦାତା ପ୍ରଭାତୀ ବିଷୋୟୀ .......

**- V/O –**

# ବିଶ୍ୱ ବାଉଁଶ ଦିବସ

ପ୍ରକୃତି ପାଇଁ ବାଉଁଶର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ବାଉଁଶ ଦିବସ ପାଳନ କରାଯାଉଛି । ୨୦୦୯ ମସିହାରେ ପ୍ରଥମଥର ପାଇଁ ବାଉଁଶ ଦିବସ ପାଳନ କରାଯାଇଥିଲା । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି **'ସୀମା ବାହାରେ ବାଉଁଶ ।**

ବାଉଁଶ କାରିଗରଙ୍କୁ ସ୍ୱାବଲମ୍ବୀ କରିବା ତଥା ଏ କ୍ଷେତ୍ରରେ ଜୀବନ ଜୀବିକା ବୃଦ୍ଧି କରିବା ଲକ୍ଷ୍ୟ ନେଇ କେନ୍ଦ୍ର ସରକାର ଜାତୀୟ ବାଉଁଶ ମିଶନ କାର୍ଯ୍ୟକାରୀ କରିଛନ୍ତି। ଏହି ମିଶନ ଅଧୀନରେ ବାଉଁଶ ଚାଷ, ପ୍ରକ୍ରିୟାକରଣ, ମୂଲ୍ୟବୃଦ୍ଧି ଓ ବଜାର ସଂଯୋଗ ଉପରେ ଧ୍ୟାନ ଦିଆଯାଉଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମନ୍ୱିତ ଭାବେ ବାଉଁଶ

ଚାଷୀଙ୍କ ଆର୍ଥିକ ସଶକ୍ତିକରଣ ପାଇଁ ଅନୁଦାନ ପ୍ରଦାନ କରୁଛନ୍ତି। ବାଉଁଶ ଉତ୍ପାଦର ବିକ୍ରୟ ପାଇଁ କେନ୍ଦ୍ର ଓ ରାଜ୍ୟର ଭାଗୀଦାରୀ ୬୦-୪୦ ପ୍ରତିଶତ, ଉତ୍ତର-ପୂର୍ବ ଓ ପାହାଡ଼ିଆ ଅଞ୍ଚଳଗୁଡ଼ିକ ପାଇଁ ୯୦-୧୦ ପ୍ରତିଶତ ଓ କେତେକ କ୍ଷେତ୍ରରେ ୧୦୦ ପ୍ରତିଶତ କେନ୍ଦ୍ରୀୟ ସହାୟତାର ବ୍ୟବସ୍ଥା ରହିଛି।

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି, ବାଉଁଶ ପାରମ୍ପରିକ ହସ୍ତଶିଳ୍ପ ଏବଂ ଘରୋଇ ଉତ୍ପାଦଠାରୁ ଆରମ୍ଭ କରି ଜୀବିକା ନିର୍ବାହ, ସ୍ଥାୟୀ ଉଦ୍ୟୋଗ ଓ ଓଡ଼ିଶାର ସମ୍ପ୍ରଦାୟକୁ ଦୀର୍ଘ ସମୟ ଧରି ଆର୍ଥିକ ସଶକ୍ତୀକରଣ ପାଇଁ ସୁଯୋଗ ସୃଷ୍ଟି କରିଛି।

ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା ପକ୍ଷରୁ ଆଜି ବିଶ୍ୱ ବାଉଁଶ ଦିବସ ଭୁବନେଶ୍ୱର କଳିଙ୍ଗନଗର ଆନନ୍ଦବନରେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

## କ୍ରସଭୋଟିଂ ମାମଲା

ହାଇକୋର୍ଟରେ ଆଜି ରାଜ୍ୟସଭା ନିର୍ବାଚନର କ୍ରସଭୋଟିଂ ମାମଲାର ଶୁଣାଣି କରାଯାଇଛି। ଆସନ୍ତା ୨୮ ତାରିଖ ସୁଦ୍ଧା ଜବାବ ଦଖଲ ପାଇଁ

ପ୍ରତିପକ୍ଷଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୯ ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି। ୮ ଜଣ ବିଜେଡି ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇଁ ହାଇକୋର୍ଟରେ ଆବେଦନ କରାଯାଇଥିଲା।

## ମେଗା ରକ୍ତଦାନ ଶିବିର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିବସ ପାଳନ ଅବସରରେ ଭୁବନେଶ୍ୱରଠାରେ ସେବା ସଂକଳ୍ପ ଅଭିଯାନ-୨୦୨୬ ଅନ୍ତର୍ଗତ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହା ୱାର୍ଲଡ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଥିବାରୁ ଓଡ଼ିଶା ପାଇଁ ଏକ ଗର୍ବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଓଡ଼ିଶାର ଯୁବସମାଜ ନିଜର ସାମାଜିକ ଦାୟିତ୍ୱବୋଧ ଓ ସେବା ମନୋଭାବର ଏକ ଜ୍ୱଳନ୍ତ ପ୍ରମାଣ ଦେଇଛନ୍ତି। ଏହି ନିଃସ୍ୱାର୍ଥପର ପ୍ରୟାସ ଜରୁରୀ ସମୟରେ ଅନେକ ଅମୂଲ୍ୟ ଜୀବନ ରକ୍ଷା କରିବାରେ ସହାୟକ ହେବ। ଓଡ଼ିଶାକୁ ଏକ ସମୃଦ୍ଧ, ସୁସ୍ଥ ଓ ସେବାପରାୟଣ ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ ଯୁବଶକ୍ତିଙ୍କ ଏହି ଅତୁଳନୀୟ ସଂକଳ୍ପ ପ୍ରେରଣାଦାୟୀ ବୋଲି ଶ୍ରୀ ମାଝୀ କହିଛନ୍ତି। ରକ୍ତଦାନ ଶିବିରରେ ୮ ହଜାର ୮୧୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ବିଶ୍ୱରେକର୍ଡ ସୃଷ୍ଟି କରାଯାଇଛି। ଏହି ମହାନ୍ କାର୍ଯ୍ୟକୁ ୱାର୍ଲଡ

ରେକର୍ଡ ଟିମ୍ ପକ୍ଷରୁ ସ୍ୱୀକୃତି ମିଳିବା ସହ ପ୍ରମାଣପତ୍ର ପ୍ରଦାନ କରାଯାଇଛି ।

## ଝାଡ଼ାବାନ୍ତି

ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକର ତୋହରା ପଞ୍ଚାୟତର କେନ୍ଦୁଘାଟରେ ଝାଡ଼ାବାନ୍ତି ବ୍ୟାପି ୭ ଜଣରୁ ଅଧିକ ଆକ୍ରାନ୍ତ ହୋଇଛନ୍ତି । ସେମାନଙ୍କୁ ପୂଜାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି । ଖବର ପାଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଡାକ୍ତରୀ ଦଳ ଗାଁରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ସହ ରକ୍ତନମୁନା ସଂଗ୍ରହ କରିଛନ୍ତି ।

## ନିଶା ନିବାରଣ

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ବିଜୟନଗର ପଞ୍ଚାୟତରେ ଥିବା ସ୍କୁଲମାନଙ୍କରେ ନିଶା ନିବାରଣ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାମାଜିକ କର୍ମୀ, ଡାକ୍ତର, ଶିକ୍ଷାବିତ୍ ପ୍ରମୁଖ ଯୋଗଦେଇ ନିଶା ସେବନର କୁପ୍ରଭାବ ଏବଂ ନିଶାମୁକ୍ତ ସମାଜ ଗଠନ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ ।

## ପୂଜାମଣ୍ଡପ- ଅନୁମତିପତ୍ର

କଟକ ସହରରେ ଦୁର୍ଗାପୂଜା ପାଇଁ ପୂଜା କମିଟିଗୁଡ଼ିକୁ ତ୍ୱରିତ ଭାବେ ଆବଶ୍ୟକ ଅନୁମତି ପ୍ରଦାନ ଲାଗି ବାରବାଟୀ ପ୍ୟାଲେସ୍‌ଠାରେ ଆଜିଠାରୁ ସିଙ୍ଗିଲ ୱିଣ୍ଡୋ ବ୍ୟବସ୍ଥା ଆରମ୍ଭ ହୋଇଛି। ଏହି ବ୍ୟବସ୍ଥା ମାଧ୍ୟମରେ ଗୋଟିଏ ସ୍ଥାନରେ ପୂଜା କମିଟି'ମାନେ ତହସିଲ କାର୍ଯ୍ୟାଳୟ ସହ ଅନ୍ୟାନ୍ୟ ବିଭାଗ ପାଇଁ ଆବଶ୍ୟକ ସମସ୍ତ ଅନୁମତିପତ୍ର ପାଇପାରିବେ। ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସଦର ଉପଜିଲ୍ଲାପାଳ' ନୋଡାଲ ଅଫିସର ଭାବେ ଉପସ୍ଥିତ ଅଛନ୍ତି। ଏହା ୪ ଦିନ ପର୍ଯ୍ୟନ୍ତ ଚାଲିବ। ଅଗ୍ନିଶମ, କଟକ ମହାନଗର ନିଗମ, କମିଶନରେଟ୍ ପୁଲିସ୍ ଭଳି ୧୧ଟି ବିଭାଗ ପକ୍ଷରୁ ଆପତ୍ତିବିହୀନ ପ୍ରମାଣପତ୍ର ପ୍ରଦାନ କରାଯିବ।

# ପାଣିପାଗ

ଥାଇଲାଣ୍ଡର ଉତ୍ତର ଭାଗରେ ସୃଷ୍ଟ ଘୂର୍ଣ୍ଣିବଳୟ ଆସନ୍ତାକାଲି ସୁଦ୍ଧା ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବା ସହ ୨୩ ତାରିଖ ସୁଦ୍ଧା ଉପକୂଳ ଛୁଇଁବ। ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ। ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି, ଘଡଘଡି ସହ ପ୍ରବଳ ବର୍ଷା ହେବା ନେଇ ୧୫ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷୀରେ ସର୍ବାଧିକ ୬୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।